# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**7 April - 2024**

**News Editor : Tapan Kumar Maharana**

********************************

## ମୁଖ୍ୟ ସମ୍ବାଦ

- ‘ସୁବିଧା ପୋର୍ଟାଲ’ରେ ସାଢ଼େ ୪୪ ହଜାରରୁ ଅଧିକ ଆବେଦନକୁ ମଞ୍ଜୁରୀ ଦେଇଛନ୍ତି ନିର୍ବାଚନ କମିଶନ
- ଆର୍ଥିକ ଅନଗ୍ରସର ପିଲାମାନଙ୍କୁ ଘରୋଇ ସ୍କୁଲରେ ନାମଲେଖା ପାଇଁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଅବଧି ବୃଦ୍ଧି କଲେ ରାଜ୍ୟ ସରକାର
- ଚଳିତ ବର୍ଷର ପ୍ରଥମ ସୂର୍ଯ୍ୟପରାଗ ଆସନ୍ତାକାଲି ହେବ ଦୃଶ୍ୟମାନ

ଏବଂ

- ‘ମୋ ସ୍ୱାସ୍ଥ୍ୟ ମୋ ଅଧିକାର’ ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ସ୍ୱାସ୍ଥ୍ୟ ଦିବସ

## ନିର୍ବାଚନ କମିଶନ–ସୁବିଧା ପୋର୍ଟାଲ

ନିର୍ବାଚନ ପ୍ରକ୍ରିୟାରେ ମତଦାତା ଏବଂ ପ୍ରାର୍ଥୀଙ୍କୁ ସହଯୋଗ କରିବା ପାଇଁ ଭାରତର ନିର୍ବାଚନ କମିଶନଙ୍କ ତରଫରୁ ସୁବିଧା ପୋର୍ଟାଲ ପ୍ରଚଳନ

କରାଯାଇଛି। ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ବିଗତ ୨୦ ଦିନ ମଧ୍ୟରେ ସୁବିଧା ପୋର୍ଟାଲରେ ୭୩ ହଜାରରୁ ଅଧିକ ଆବେଦନ କରାଯାଇଛି। ସେଥିମଧ୍ୟରୁ ୪୪ ହଜାର ୬୦୦ରୁ ଅଧିକ ଅନୁରୋଧକୁ କମିଶନ ଅନୁମୋଦନ କରିଛନ୍ତି। ନିର୍ବାଚନ ପ୍ରଚାର ସମୟର ଗୁରୁତ୍ୱ ଅନୁସାରେ ସୁବିଧା ପୋର୍ଟାଲ ପ୍ରାଥମିକତା ଭିତ୍ତିରେ ବିଭିନ୍ନ ପ୍ରକାରର ଅନୁମତି, ଅନୁରୋଧକୁ ପୂରଣ କରାଯାଇଥାଏ।

## ଗ୍ରୀଷ୍ମପ୍ରବାହ-ପାଠପଢ଼ା

ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁସାରେ, ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି। ବିଭିନ୍ନ ସ୍ଥାନରେ ବିନା ବ୍ୟାନର ଲଗାଇ ଜଳଛତ୍ର ପରିଚାଳନା କରିବା ପାଇଁ ନଗର ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଖୋଲା ସ୍ଥାନଗୁଡ଼ିକରେ ଅଧିକ ସମୟ ଧରି ସାଧାରଣ ସଭା ନ କରିବା ପାଇଁ ରାଜନୈତିକ ଦଳଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଜିଲ୍ଲାପାଳମାନଙ୍କୁ ପ୍ରତ୍ୟେକ ଜିଲ୍ଲାରେ ଅଂଶୁଘାତ ମୁକାବିଲା କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ସ୍ୱରୂପ ଡାକ୍ତରଖାନାଗୁଡ଼ିକରେ ଶଯ୍ୟାର ବ୍ୟବସ୍ଥା, ସ୍କୁଲଗୁଡ଼ିକରେ ପିଇବା ପାଣି ଏବଂ ଓଆରଏସ୍‌ର ବ୍ୟବସ୍ଥା କରିବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଜିଲ୍ଲାପାଳମାନେ ସେମାନଙ୍କ ଜିଲ୍ଲାର ଗ୍ରୀଷ୍ମପ୍ରବାହ ସ୍ଥିତିକୁ ପ୍ରତ୍ୟେକ ଦିନ ଅନୁଧ୍ୟାନ କରିବା

ପାଇଁ କୁହାଯାଇଛି । ଅନ୍ୟପକ୍ଷରେ ଆସନ୍ତାକାଲିଠାରୁ କଟକ, ଭଦ୍ରକ, ଅନୁଗୁଳ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାଗୁଡ଼ିକରେ ସକାଳ ସାଢ଼େ ୬ଟାରୁ  ସାଢ଼େ ୧୦ଟା ପର୍ଯ୍ୟନ୍ତ ସ୍କୁଲ ଖୋଲିବା ପାଇଁ କୁହାଯାଇଛି ।

## ନିର୍ବାଚନ-ଆଦର୍ଶ ଆଚରଣ ବିଧି

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୁଲିସ୍, ଅବକାରୀ ଏବଂ ଅନ୍ୟ ଯାଞ୍ଚ ସଂସ୍ଥାଗୁଡ଼ିକ ପକ୍ଷରୁ ବେଆଇନ୍ କାର୍ଯ୍ୟକଳାପଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଉଛି । ଆଦର୍ଶ ଆଚରଣବିଧି ପାଳନ ଅନୁସାରେ, ରାଜ୍ୟ ପରିବହନ ନିଗମ ପକ୍ଷରୁ ବିଭିନ୍ନ ଜିଲ୍ଲା ଓ ରାଜ୍ୟ ରାଜ୍ୟ ସୀମାନ୍ତ ଅଞ୍ଚଳଗୁଡ଼ିକରେ ଗତ ଗୁରୁବାର ସୁଦ୍ଧା ୨୫ ହଜାର ୬୨୦ରୁ ଅଧିକ ଗାଡ଼ି ଯାଞ୍ଚ କରାଯାଇଛି । ଏହି ବାବଦରେ ପାଖାପାଖି ୧୨ ଲକ୍ଷ ୮୫ ହଜାର ଟଙ୍କା ଚାଲାଣ କଟାଯାଇଛି । ଏହି ସମୟ ମଧ୍ୟରେ ପରିବହନ ବିଭାଗ ପକ୍ଷରୁ ୨୭ କୋଟି ୭୨ ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ଉପରେ ଜୋରିମାନା କରାଯାଇଛି । ନିର୍ବାଚନକୁ ମୁକ୍ତ ଓ ଅବାଧ କରିବାକୁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସି-ଭିଜିଲ୍ ମୋବାଇଲ୍ ଆପ୍ ପ୍ରଚଳନ କରାଯାଇଛି । ନିର୍ବାଚନ ପ୍ରକ୍ରିୟାରେ କୌଣସି ତ୍ରୁଟି ଦେଖାଗଲେ ଏହି ଆପ୍ ଜରିଆରେ ଜନସାଧାରଣ ଅଭିଯୋଗ କରିପାରିବେ ବୋଲି ନିର୍ବାଚନ କମିଶନ୍ଙ୍କ ପକ୍ଷରୁ କୁହାଯାଇଛି ।

## ଘରୋଇ ସ୍କୁଲ ନାମଲେଖା ଅବଧି ବୃଦ୍ଧି

ଚଳିତ ଶିକ୍ଷାବର୍ଷରେ ଶିକ୍ଷାଧିକାର ଆଇନ୍ ଅନୁସାରେ, ଆର୍ଥିକ ଅନଗ୍ରସର ପିଲାମାନଙ୍କୁ ଘରୋଇ ସ୍କୁଲରେ ନାମଲେଖା ଅବଧିକୁ ଚଳିତ ମାସ ୨୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏହି ସମ୍ବନ୍ଧରେ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଏବଂ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି । ସୂଚନାଯୋଗ୍ୟ, ଶିକ୍ଷାଅଧିକାର ଆଇନ୍ ଅନୁସାରେ ଚଳିତ ମାସ ୬ ତାରିଖ ଶୁକ୍ରବାର ସୁଦ୍ଧା ଘରୋଇ ବିଦ୍ୟାଳୟଗୁଡ଼ିକରେ ନାମଲେଖା ପାଇଁ ଶେଷ ତାରିଖ ଥିଲା । ଯେଉଁ ଘରୋଇ ସ୍କୁଲଗୁଡ଼ିକ ଶିକ୍ଷାଧିକାର ଆଇନ୍‌କୁ ଅବମାନନା କରି ଘରୋଇ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ମାଗଣା ପଢ଼ିବା ପାଇଁ ସୁଯୋଗ ଦେଉନାହାନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଇକୋ ଟୁରିଜିମ୍ ଲାଭ-ଦେବ୍ରୀଗଡ

ସମ୍ବଲପୁର ଜିଲ୍ଲା ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିନ ଦେବ୍ରୀଗଡ ଅଭୟାରଣ୍ୟକୁ ଗତବର୍ଷ ଅଧିକ ପର୍ଯ୍ୟଟକ ଆସିବା ସହିତ ରାଜସ୍ୱ ବୃଦ୍ଧି ପାଇଛି ବୋଲି ବନଖଣ୍ଡ ଅଧିକାରୀ ଅଂଶୁପ୍ରଭା ଦାସ କହିଛନ୍ତି । ଗତ ଆର୍ଥିକବର୍ଷ ୨୦୨୩-୨୪ରେ ଦେବ୍ରୀଗଡ ଅଭୟାରଣ୍ୟର ଇକୋ ଟୁରିଜିମ୍ କ୍ଷେତ୍ରରେ ୩ କୋଟି ୪୫ ଲକ୍ଷ ଟଙ୍କାର ରାଜସ୍ୱ ସଂଗ୍ରହ କରି ରେକର୍ଡ ସୃଷ୍ଟି

କରିଛି। ସୂଚନା ଅନୁସାରେ, ଗତବର୍ଷ ପ୍ରାୟ ୭୦ ହଜାର ପର୍ଯ୍ୟଟକ ଦେବ୍ରୀଗଡ ଅଭୟାରଣ୍ୟକୁ ଆସିଥିଲେ। ବିଗତ ଆର୍ଥିକବର୍ଷ ୨୦୨୨-୨୩ରେ ୩୦ ହଜାର ପର୍ଯ୍ୟଟକ ଦେବ୍ରୀଗଡକୁ ଆସିଥିବା ସହିତ ୨ କୋଟି ୫୦ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ ହୋଇଥିଲା ବୋଲି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ କହିଛନ୍ତି। ପର୍ଯ୍ୟଟକଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ୪୮ଟି ସ୍ଥାନରେ ଅଭୟାରଣ୍ୟ କର୍ତ୍ତୃପକ୍ଷ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ପଦକ୍ଷେପ ନେଇଛନ୍ତି।

## ସୂର୍ଯ୍ୟୋପରାଗ

ଚଳିତ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ଆସନ୍ତାକାଲି ଦୃଶ୍ୟମାନ ହେବ । ଏହା ଏକ ପୂର୍ଣ୍ଣଗ୍ରାସ ସୂର୍ଯ୍ୟୋପରାଗ ହୋଇଥିବାରୁ ଜ୍ୟୋତିର୍ବିଜ୍ଞାନୀମାନଙ୍କ ମତରେ ଏହି ସୂର୍ଯ୍ୟୋପରାଗ ଅତ୍ୟନ୍ତ ସୁନ୍ଦର ଏବଂ ବିରଳ ହେବ । ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଏବଂ ମେକ୍‌ସିକୋର କେତେକ ଅଞ୍ଚଳରେ ପୂର୍ଣ୍ଣ ସୂର୍ଯ୍ୟୋପରାଗ ଦେଖାଯିବ । ଭାରତୀୟ ସମୟ ଆସନ୍ତାକାଲି ରାତି ୯ଟା ୧୨ ମିନିଟ୍‌ରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ମଧ୍ୟରାତ୍ରି ୨ଟା ୨୨ ମିନିଟ୍‌ରେ ଶେଷ ହେବ । ସର୍ବାଧିକ ପରାଗ ରାତି ୧୧ଟା ୪୭ ମିନିଟ୍ ସମୟରେ ଦୃଶ୍ୟମାନ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ଅନୁମାନ କରିଛନ୍ତି ।

# ମତଦାନ ସଚେତନତା

ଗଞ୍ଜାମ ଜିଲ୍ଲା ଆସିକା ମୁଖ୍ୟ ଡାକଘର ପକ୍ଷରୁ ମତଦାନ ସଚେତନ ସମ୍ପର୍କିତ କାର୍ଯ୍ୟକ୍ରମ ହୋଇଯାଇଛି। ନିର୍ବାଚନ ପ୍ରକ୍ରିୟାରେ ମତଦାତା ମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ମତଦାନ କରି ପ୍ରତିନିଧି ଚୟନ କରିବାର ଗୁରୁତ୍ୱପୂର୍ଣ୍ଣ ଅଧିକାର ସାବ୍ୟସ୍ତ କରିବା ଲକ୍ଷ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନ ଡାକପାଳ ଜିତେନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ସଚେତନତା ରାଲି ଆସିକା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା।

# ନିର୍ବାଚନ ପରିଚାଳନା

ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟରୁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଦିଆଯାଇଥିବା ନିର୍ଦ୍ଦେଶନାମା ଅନୁସାରେ, ବିଭିନ୍ନ ଥାନା ଅଞ୍ଚଳଗୁଡ଼ିକରେ ପୁଲିସ୍ ପ୍ରଶାସନ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି। ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜଗମୋହନ ମୀନାଙ୍କ ସୂଚନା ଅନୁସାରେ, ଜିଲ୍ଲାର ୭୨୨ଟି ସମ୍ବେଦନଶୀଳ ବୁଥ୍ ଅଂଚଳଗୁଡ଼ିକର ଥାନାଗୁଡ଼ିକରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

ଅନ୍ୟପକ୍ଷରେ ରାଉରକେଲାଠାରେ ନିର୍ବାଚନକୁ ଶୃଙ୍ଖଳିତ କରିବା ନେଇ ସୁନ୍ଦରଗଡ଼ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସ୍ୱରୂପ ଷ୍ଟ୍ରଙ୍ଗ୍‌ରୁମ.

ଭୋଟଗଣତି ବ୍ୟବସ୍ଥାକୁ ନେଇ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଗତକାଲି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

## କାମଳ ରୋଗ-କଟକ

କଟକ ମହାନଗର ନିଗମ ୫୨ନଂ ୱାର୍ଡ଼ ରାଜେନ୍ଦ୍ରନଗର ଅଞ୍ଚଳରେ କାମଳ ରୋଗରେ ଶିଶୁ ଓ ବୟସ୍କ ଲୋକମାନେ ଆକ୍ରାନ୍ତ ହୋଇଛନ୍ତି । ଆମ ସମ୍ବାଦଦାତାଙ୍କ ସୂଚନା ଅନୁସାରେ, ପ୍ରାୟ ୮ଜଣ ଶିଶୁ ଏବଂ ୭୦ରୁ ଅଧିକ ବୟସ୍କ ବ୍ୟକ୍ତି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଦୂଷିତ ପାଣି ଯୋଗୁଁ କାମଳ ବ୍ୟାପୁଥିବା ଆଶଙ୍କା କରାଯାଉଛି । ପରିସ୍ଥିତି ନିୟନ୍ତ୍ରଣାଧିନ ରହିଛି ଏବଂ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ପକ୍ଷରୁ କାମଳ ରୋଗ ବ୍ୟାପିଥିବା ଅଞ୍ଚଳଗୁଡ଼ିକରେ ସଫେଇ କାର୍ଯ୍ୟ ଚାଲିଛି ।

## ସକାଳୁଆ କୋର୍ଟ

ରାଜ୍ୟର ସବୁ ଜିଲ୍ଲାସ୍ତରୀୟ ଏବଂ ନିମ୍ନ ଅଦାଲତଗୁଡ଼ିକ ଆସନ୍ତାକାଲିଠାରୁ ସକାଳୁ ଆରମ୍ଭ ହେବ । ପୂର୍ବାହ୍ନ ୭ଟାରୁ କୋର୍ଟ କାର୍ଯ୍ୟାଳୟ ଖୋଲା ରହିବ । ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ ସଦର ଏବଂ ପୁରୀ ସଦର ଅଦାଲତ ବ୍ୟତୀତ ଅନ୍ୟ ସବୁ କୋର୍ଟର କାର୍ଯ୍ୟ ସକାଳ ସାଢ଼େ ୭ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ଚାଲିବ । ଅନ୍ୟ କୋର୍ଟ ଗୁଡ଼ିକର କାର୍ଯ୍ୟ ଅପରାହ୍ଣ ଗୋଟାଏ

ପର୍ଯ୍ୟନ୍ତ ଚାଲିବ । ସକାଳ ୧୦ଟାରୁ ଅଧଘଣ୍ଟାଏ ପାଇଁ ବିରତି ରହିବ ବୋଲି ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ପାଣିପାଗ-ଜଙ୍ଗଲ ନିଆଁ

ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଆଜି ଗରମ ଓ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳୁଥିବା ଦେଖାଦେଇଛି। ଅନୁଗୁଳ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର ଓ କଟକ ଜିଲ୍ଲାରେ କାଳବୈଶାଖୀର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁଁ ରାଜ୍ୟର ଜଙ୍ଗଲଗୁଡ଼ିକରେ ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହୋଇଛି। ଜଙ୍ଗଲଗୁଡ଼ିକରେ ଥିବା ପ୍ରାକୃତିକ ନାଳ ଏବଂ ଜଳାଶୟ ଶୁଖିଯାଉଥିବା ଏବଂ ଜଙ୍ଗଲରେ ନିଆଁ ଲାଗିଯିବା ଯୋଗୁଁ ବନ୍ୟପ୍ରାଣୀମାନେ ପାଣିପାଇଁ ହନ୍ତସନ୍ତ ହେଉଛନ୍ତି। ବନବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜଙ୍ଗଲଗୁଡ଼ିକରେ ପର୍ଯ୍ୟାପ୍ତ ପାଣି ବ୍ୟବସ୍ଥା ସୁନିଶ୍ଚିତ କରାଇବା ନେଇ ୧୨୦ଟି ନୂଆ ଜଳାଶୟ ଖୋଳଯାଇଛି। ସେହିଭଳି ୨୭୦ଟି ପୁରୁଣା ଜଳାଶୟକୁ ପୁନରୁଦ୍ଧାର କରାଯାଇଛି। **ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ**ର ତଥ୍ୟ ଅନୁସାରେ ଗତକାଲି ରାତି ୮ଟା ସୁଦ୍ଧା ଦେଶର ୪୯୪ଟି ସ୍ଥାନରେ ବଡ଼ ଧରଣର ଜଙ୍ଗଲ ନିଆଁ ଲାଗିଥିଲା। ଓଡ଼ିଶାର ଜଙ୍ଗଲଗୁଡ଼ିକରେ ୮୦ଟି ସ୍ଥାନରେ ନିଆଁ ଲାଗିଥିଲା ବୋଲି ଏହି ସଂସ୍ଥା ସୂଚନା ଦେଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଗତକାଲି ରାଜ୍ୟର ୪ଟି

ସ୍ଥାନର ତାପମାତ୍ରା ୪୩ ଡିଗ୍ରୀ ଓ ୮ଟି ସ୍ଥାନର ତାପମାତ୍ରା ୪୨ ଡିଗ୍ରୀରୁ ଅଧିକ ଥିଲା ।

ଆଜି ଦିନ ୧୧ଟା ସୁଦ୍ଧା ଭୁବନେଶ୍ୱର, ସମ୍ବଲପୁର ସମେତ ରାଜ୍ୟର କେତେକ ଅଞ୍ଚଳରେ ତାପମାତ୍ରା ୩୬ ଡିଗ୍ରୀରୁ ଅଧିକ ଥିବା ଜଣାପଡିଛି।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବିଶ୍ୱ କଲ୍ୟାଣପାଇଁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ବାର୍ତ୍ତା ନେଇ ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । ସମ୍ପୂର୍ଣ୍ଣଭାବେ ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତାକୁ ଉତ୍ତମ ସ୍ୱାସ୍ଥ୍ୟ କୁହାଯାଇଥାଏ। ପ୍ରତ୍ୟେକ ବ୍ୟକ୍ତି, ସଂସ୍ଥା, ସଂଗଠନ ଓ ସରକାରଙ୍କର ମିଳିତ ପ୍ରଚେଷ୍ଟାରେ ପୃଥିବୀର ଲୋକମାନେ କିପରି ନିରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ଉପଭୋଗ କରିପାରିବେ ସେଥିପାଇଁ ୧୯୫୦ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆଜିର ଦିନକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ରହିଛି "ମୋ ସ୍ୱାସ୍ଥ୍ୟ ମୋ ଅଧିକାର"। ଖାଦ୍ୟ, ବସ୍ତ୍ର, ବାସଗୃହ ଯେପରି ଜଣେ ଲୋକର ସର୍ବନିମ୍ନ ଅଧିକାର ସେହିଭଳି ସ୍ୱାସ୍ଥ୍ୟ ବିଷୟରେ ଜାଣିବା ଏବଂ ଦରକାର ସମୟରେ ଚିକିତ୍ସା ପାଇବା ଜଣେ ବ୍ୟକ୍ତିର ମଧ୍ୟ ଅଧିକାର। ପୃଥିବୀର କୋଟିକୋଟି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଅଧିକାର ପାଇବାରେ ସୁଯୋଗ ମିଳିପାରୁନାହିଁ। ପୃଥିବୀର ୪୭ଟି ରାଷ୍ଟ୍ର ନିଜ ନିଜର ସମ୍ବିଧାନରେ ସ୍ୱାସ୍ଥ୍ୟକୁ ଏକ ମାନବ ଅଧିକାର ଭାବେ ସ୍ୱିକୃତି ଦେଇଛନ୍ତି। ଜାତିସଂଘର ଏକ ରିପୋର୍ଟରେ କୁହାଯାଇଛି, ବିଶ୍ୱର କୋଟି

କୋଟି ଲୋକ ଉତ୍ତମ ସେବା ଅଧିକାରରୁ ବର୍ତ୍ତମାନ ମଧ୍ୟ ବଞ୍ଚିତ ରହିଛନ୍ତି । ଲୋକମାନଙ୍କ ଭିତରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତାର ଅଭାବ ଓ ଉତ୍ତମ ଚିକିତ୍ସା ମିଳିପାରୁ ନ ଥିବାରୁ ବିଶ୍ୱର ପ୍ରତି ୫ ସେକେଣ୍ଡରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି । ବାୟୁମଣ୍ଡଳ ପ୍ରଦୂଷଣ, ବିଶୃଙ୍ଖଳିତ ଖାଦ୍ୟପାନୀୟର ଅଭ୍ୟାସ ବର୍ତ୍ତମାନ ସମୟର ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହୋଇଛି । ଅନ୍ୟପକ୍ଷରେ ସାମାଜିକ ଏବଂ ଆର୍ଥିକ ସ୍ଥିତିର ଅଭାବ ଯୋଗୁଁ ବହୁତ ରୋଗୀ ଉତ୍ତମ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି ।  ସମସ୍ତଙ୍କ ନିକଟରେ ଉତ୍ତମ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ, ଶିକ୍ଷା, ଉତ୍ତମ ଚିକିତ୍ସା, ଶୁଦ୍ଧ ପାନୀୟ ଜଳ, ନିର୍ମଳ ବାୟୁ, ପରିଷ୍କାର ପରିଚ୍ଛନ୍ନ ପରିବେଶ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅଧିକାର ଯୋଗାଇ ଦେବାପାଇଁ ବିଭିନ୍ନ ସ୍ତରରେ ଆଜି ସଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଭିଟାମିନ୍‌ଯୁକ୍ତ ଖାଦ୍ୟ ସହିତ ନିୟମିତ ବ୍ୟାୟାମ, ଯୋଗ, ପ୍ରାଣାୟାମକୁ ନିଜ ନିଜର ଜୀବନଶୈଳୀରେ ସାମିଲ କରି ସନ୍ତୁଳିତ ଖାଦ୍ୟ ଖାଇବା ଦ୍ୱାରା ଶରୀରକୁ ସୁସ୍ଥ ଏବଂ ମଜବୁତ୍ ରଖିବାରେ ସହାୟକ ହୋଇଥାଏ ।

*********************************